Sambad - 20.11.26

କଂଗ୍ରେସର କଣ୍ଟ୍ରୋଲ୍ ରୁମ୍

ଭୁବନେଶ୍ୱର,୧୯/୧୧(ଇମିସ): ବାତ୍ୟା 'ଅକବାନ'ର ମୁକାବିଲା ପାଇଁ ଭୁବନେଶ୍ୱରର କଂଗ୍ରେସ ଭବନ ସମେତ ସାତଟି ଜିଲ୍ଲାରେ କଣ୍ଟ୍ରୋଲ୍ ରୁମ୍ ଖୋଲାଯାଇଛି। ତାରାପ୍ରସାଦ ବାହିନୀପତିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। ପ୍ରଭାବିତ ହେବାକୁ ଥିବା ଜିଲ୍ଲାର ଜିଲ୍ଲା ସଭାପତିମାନେ ନିଜ ନିଜ ଜିଲ୍ଲାର ସେବାଦଳ ଓ ଛାତ୍ରକଂଗ୍ରେସ ଟିମ୍ ସହିତ ବସି ସ୍ଥାନୀୟ ଲୋକମାନଙ୍କୁ କିପରି ନିରାପଦ ରଖିବା ଦିଗରେ ସହଯୋଗ କରାଯାଇପାରିବ, ସେଥିପାଇଁ ତୁରନ୍ତ ସ୍ୱେଚ୍ଛାସେବୀ ନିୟୋଜନ କରିବାକୁ ପିସିସି ସଭାପତି ଭକ୍ତଚରଣ ଦାସ ନିର୍ଦ୍ଦେଶ ଦେଇଛନ୍ତି। ଆଜି ସନ୍ଧ୍ୟାରେ କଂଗ୍ରେସ ଭବନରେ ପିସିସି ସଭାପତିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଶ୍ରୀ ଦାସ ସ୍ୱତନ୍ତ୍ର ରିଲିଫ କମିସନରଙ୍କ ସହ କଥା ହୋଇ ପିସିସି ଓ ଡିସିସିର ୱାର୍-ରୁମ୍‌ଗୁଡ଼ିକ ବିଷୟରେ ସୂଚନା ଦେଇଥିଲେ। ମାଲକାନଗିରି, ଗଞ୍ଜାମ, ଗଜପତି, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, କନ୍ଧମାଳ ଓ ଖୋର୍ଧାର ଡିସିସି ସଭାପତି ଓ ସମସ୍ତ ପିସିସି ଇନ୍-ଚାର୍ଜମାନଙ୍କ ସହ ଶ୍ରୀ ଦାସ ଏକ ଆଭାସୀ ବୈଠକରେ ଏକାଠି ହୋଇ ସମସ୍ତ ପ୍ରସ୍ତୁତି ବିଷୟରେ ଅବଗତ କରାଇଥିଲେ।

ଭୂସ୍ଖଳନ...

ଚିହ୍ନଟ କରାଯାଇଛି। ଗଜପତି ଜିଲ୍ଲାରେ ପ୍ରଥମେ ୯୮ଟି ସମ୍ଭାବ୍ୟ ଭୂସ୍ଖଳନପ୍ରବଣ ଅଞ୍ଚଳ ଚିହ୍ନଟ ହୋଇଥିଲା। ପରବର୍ତ୍ତୀ ସମୟରେ ଏହି ସଂଖ୍ୟା ବଢ଼ି ୧୫୫ରେ ପହଞ୍ଚିଛି। ଉଲ୍ଲେଖଯୋଗ୍ୟ, ବିଧାନସଭାରେ ବିଧାୟକ ଚକ୍ରମଣି କହଁରଙ୍କ ପ୍ରଶ୍ନର ଉତ୍ତରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ଚଳିତବର୍ଷ ରାଜ୍ୟର ୬ଟି ଜିଲ୍ଲାର ୨୨ଟି ସ୍ଥାନରେ ଭୂସ୍ଖଳନ ଘଟି ୨୭ଜଣଙ୍କ ମୃତ୍ୟୁ ହୋଇଛି। କନ୍ଧମାଳ ଜିଲ୍ଲା ସର୍ବାଧିକ ପ୍ରଭାବିତ ହୋଇଛି। କନ୍ଧମାଳ ଜିଲ୍ଲାର ୫୯ଟି ସ୍ଥାନରେ ଭୂସ୍ଖଳନ ଘଟିଥିବା ବେଳେ ଗଜପତିର ୨୩ଟି, କୋରାପୁଟର ୧୨ଟି, କେନ୍ଦୁଝରର ୬ଟି, ଗଞ୍ଜାମ ଓ ରାୟଗଡ଼ାର ଗୋଟିଏ ଲେଖାଏଁ ସ୍ଥାନରେ ଭୂସ୍ଖଳନ ହୋଇଛି।

ଭୂସ୍ଖଳନ ମୁକାବିଲା ପାଇଁ ଖୁବ୍‌ଶୀଘ୍ର ଏମ୍‌ଓୟୁ

ଭୁବନେଶ୍ୱର,୧୯/୧୧(ଇମିସ): ରାଜ୍ୟର ପାହାଡ଼ିଆ ଜିଲ୍ଲାଗୁଡ଼ିକରେ ଦେଖାଯାଉଥିବା ଭୂସ୍ଖଳନ ବିପଦର ମୁକାବିଲା ପାଇଁ ଓଡ଼ିଶା ଓ ଉତ୍ତରାଖଣ୍ଡ ସରକାର ମିଳିତ ଭାବେ କାର୍ଯ୍ୟ କରିବେ। ଏନେଇ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଓଏସ୍‌ଡମା) ଏବଂ ଉତ୍ତରାଖଣ୍ଡ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ୟୁଏସ୍‌ଡିଏମ୍‌ଏ) ମଧ୍ୟରେ ଖୁବ୍‌ଶୀଘ୍ର ଏକ ବୁଝାମଣାପତ୍ର ସ୍ୱାକ୍ଷର ହେବ। ଉତ୍ତରାଖଣ୍ଡ ବିପର୍ଯ୍ୟୟ ପରିଚାଳନା ଓ ଥଇଥାନ ସଚିବ ବିନୋଦ କୁମାର ସୁମନ ଏବଂ ଓସ୍‌ଡମା ଉପଦେଷ୍ଟା କମଳ ଲୋଚନ ମିଶ୍ରଙ୍କ ମଧ୍ୟରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ହୋଇଛି।

ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପାଇଁ ୧୭୧୮କୋଟି ଟଙ୍କା ପ୍ରଦାନ

ଭୁବନେଶ୍ୱର,୧୯/୧୧(ଇମିସ): ପ୍ରାକୃତିକ ବିପର୍ଯ୍ୟୟର ପରିଚାଳନା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଏଥି ମଧ୍ୟରେ ୧୭୧୮କୋଟି ଟଙ୍କା ପ୍ରଦାନ କରିଛନ୍ତି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୁଜାରୀ ବିଧାୟକ ଦୁର୍ଗା ପ୍ରସନ୍ନ ନାୟକଙ୍କ ପ୍ରଶ୍ନର ଉତ୍ତରରେ ଦର୍ଶାଇଛନ୍ତି। ମନ୍ତ୍ରୀ ଦର୍ଶାଇଛନ୍ତି ଯେ ରାଜ୍ୟ ସରକାରଙ୍କ ଅଂଶଧନ ୪୨୯.୫୦କୋଟି ଓ କେନ୍ଦ୍ର ସରକାରଙ୍କର ୧୨୮୮.୫୦କୋଟି ଟଙ୍କା ମିଳିଛି। ଏହି ଅର୍ଥ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷିତ ବିପର୍ଯ୍ୟୟ ମୁକାବିଲା, ସହାୟତା, ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ନିମନ୍ତେ ବ୍ୟୟ କରିବାର ନିୟମ ରହିଛି।

ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର,୧୯/୧୧(ଇମିସ): ବାତ୍ୟା ଅକବାନ୍‌କୁ ନଜରରେ ରଖି ଜଙ୍ଗଲ, ବନ୍ୟଜନ୍ତୁ ଏବଂ ବିଭାଗୀୟ ଭିତ୍ତିଭୂମିର ସମ୍ଭାବ୍ୟ କ୍ଷୟକ୍ଷତିକୁ ରୋକିବାକୁ ରାଜ୍ୟ ବନ୍ୟପ୍ରାଣୀ ମୁଖ୍ୟାଳୟ ପକ୍ଷରୁ ସମସ୍ତ ବନଖଣ୍ଡ ଅଧିକାରୀଙ୍କ ସମେତ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଓ ଶିମିଳିପାଳ ଉତ୍ତର ଏବଂ ଦକ୍ଷିଣ ବନ୍ୟପ୍ରାଣୀ ବନଖଣ୍ଡର ଉପନିର୍ଦ୍ଦେଶକମାନଙ୍କୁ ଆବଶ୍ୟକ ପ୍ରସ୍ତୁତି ସହ ସମସ୍ତ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି। ସେଏହା ସହ ସମସ୍ତ ବନଖଣ୍ଡର ନିୟନ୍ତ୍ରଣ କକ୍ଷକୁ ସକ୍ରିୟ ରଖିବା ସହ ଭିଏଚ୍‌ଏଫ୍ ଓ ହ୍ୱାଟ୍ସଆପ୍ ଗ୍ରୁପ୍ ମାଧ୍ୟମରେ ୨୪ ଘଣ୍ଟିଆ ଯୋଗାଯୋଗ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

୭ ବିଜେଡି ନେତାଙ୍କୁ ତଦାରଖ ଦାୟିତ୍ୱ

ଭୁବନେଶ୍ୱର,୧୯/୧୧(ଇମିସ): ବାତ୍ୟା 'ଅକ୍‌ଭାନ'ର ମୁକାବିଲା ପାଇଁ ବିଜେଡି ଦଳୀୟ ସ୍ତରରେ ପ୍ରସ୍ତୁତି କରିଛି। ଦଳର ସଭାପତି ନବୀନ ପଟ୍ଟନାୟକ ସାତ ଜଣ ବରିଷ୍ଠ ନେତାଙ୍କୁ ବିଭିନ୍ନ ଜିଲ୍ଲା ଦାୟିତ୍ୱ ଦେଇଛନ୍ତି। ସେମାନେ ଜିଲ୍ଲା ପ୍ରଶାସନ, ସ୍ଥାନୀୟ ବିଜେଡି ନେତାଙ୍କ ସହ ସମନ୍ୱୟ ରକ୍ଷା କରି ରିଲିଫ୍ ଓ ଥଇଥାନ କାର୍ଯ୍ୟରେ ସହଯୋଗ କରିବେ। ପ୍ରତାପ ଜେନାଙ୍କୁ ଗଞ୍ଜାମ, ନିରଞ୍ଜନ ପୂଜାରୀଙ୍କୁ ଗଜପତି, ଦେବୀ ପ୍ରସାଦ ମିଶ୍ରଙ୍କୁ ପୁରୀ, ପଦ୍ମନାଭ ବେହେରାଙ୍କୁ କନ୍ଧମାଳ, ପ୍ରଦୀପ ଅମାତଙ୍କୁ କେନ୍ଦ୍ରାପଡ଼ା, ଅରୁଣ କୁମାର ସାହୁଙ୍କୁ ଜଗତସିଂହପୁର ଓ ସୁଦାମ ମାର୍ଣ୍ଡିଙ୍କୁ ବାଲେଶ୍ୱର ଦାୟିତ୍ୱ ଦିଆଯାଇଛି।

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ

ଟେଣ୍ଡର ବିଜ୍ଞପ୍ତି

(୧) ଟେଣ୍ଡର ବିଜ୍ଞପ୍ତି ସଂ.: ଏସ୍‌ଏନ୍‌ଟି-ଆର୍-୨୦୨୬-୧୮, ତାରିଖ: ୧୬.୧୧.୨୦୨୬। କାର୍ଯ୍ୟର ନାମ: ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ସମ୍ବନ୍ଧରେ ସିଗନାଲିଂ ଓ ଟେଲିକମ୍ୟୁନିକେସନ୍ କାର୍ଯ୍ୟ ନିଷ୍ପାଦନ: (୧) ଏସ୍‌ଏସ୍‌ଇ (ପି.ୱେ)/ବିୱାଇଟିଙ୍କ କ୍ଷେତ୍ରାଧିକାର ଅଧୀନରେ ଡିପିଏବ୍ ୟାର୍ଡରେ ଲୁପ୍ ଲାଇନ୍‌ର ଉନ୍ନତିକରଣ ଓ ଆଧୁନିକୀକରଣ, (୨) ଏସ୍‌ଏସ୍‌ଇ (ପି.ୱେ)/ବିୱାଇଟିଙ୍କ କ୍ଷେତ୍ରାଧିକାର ଅଧୀନରେ ଡିଜିଏସ୍ ୟାର୍ଡରେ ଲୁପ୍ ଲାଇନ୍‌ର ଉନ୍ନତିକରଣ ଓ ଆଧୁନିକୀକରଣ, (୩) ଏସ୍‌ଏସ୍‌ଇ (ପି.ୱେ)/ବିୱାଇଟିଙ୍କ କ୍ଷେତ୍ରାଧିକାର ଅଧୀନରେ ବିୱାଇଟି ୟାର୍ଡରେ ଲୁପ୍ ଲାଇନ୍‌ର ଉନ୍ନତିକରଣ ଓ ଆଧୁନିକୀକରଣ। ଟେଣ୍ଡର ମୂଲ୍ୟ: ଟ.୪୨୨୨୬୭୯୭.୯୩/-। ଇଏମ୍‌ଡି: ଟ.୮୪୪୬୦୦.୦୦/-। କାର୍ଯ୍ୟ ସମାପ୍ତି ଅବଧି: ୧୮ (ଅଠର) ମାସ। ବିଡର୍‌ଦାତାମାନେ ୧୪.୧୨.୨୦୨୬ର ୧୫:୦୦ ଘଟିକା ପର୍ଯ୍ୟନ୍ତ ହିଁ ନିଜର ମୂଳ/ସଂଶୋଧିତ ବିଡ୍ ଦାଖଲ କରିପାରିବେ। ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ୍ ଅଫର୍ ଗ୍ରହଣ କରାଯିବ ନାହିଁ। ବିସ୍ତୃତ ବିବରଣୀ ଆମ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ।

ବରିଷ୍ଠ ମଣ୍ଡଳୀୟ ସିଗନାଲ୍ ଓ ଟେଲିକମ୍ ଯନ୍ତ୍ରୀ
ଦ.ପୂ.ମ. ରେଳପଥ, ରାୟପୁର

PR/R/S&T/D360/263

South East Central Railway @secrail

ପୂର୍ବ ତଟ ରେଳପଥ

'ଇ' କ୍ରୟ ପ୍ରଣାଳୀ

ଟେଣ୍ଡର ବିଜ୍ଞପ୍ତି ସଂ. PCMM/EP/2026-27/40 ତା. 16.11.2026

କ୍ରମ ସଂ. 01: ଟେଣ୍ଡର ନଂ 03261536C, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ: ସ୍ପେରୋଲାଷ୍ଟିକ୍ ସାଇଲେଣ୍ଟ୍ ବ୍ଲକ୍, ପରିମାଣ : 286 ଗୋଟି ।

କ୍ରମ ସଂ. 02: ଟେଣ୍ଡର ନଂ.06265005, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଥିକ୍ ୱେବ୍ ସ୍ପିଚ୍ ଏକ୍ସପାନ୍‌ସନ୍ ଜଏଣ୍ଟ୍ ନିମନ୍ତେ TWSEJ (ଆସେମ୍ବ୍ଲି)ର ଯୋଗାଣ, ପରିମାଣ : T.S. ଅନୁସାରେ ।

କ୍ରମ ସଂ. 03: ଟେଣ୍ଡର ନଂ.82266797, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ପିଏଚ୍‌ଏସିଓ ଇମୁଲ୍‌ସିଫିକେସନ ସିଷ୍ଟମ୍, ପରିମାଣ : ଞ.ଝ. ଅନୁସାରେ ।

କ୍ରମ ସଂ. 04: ଟେଣ୍ଡର ନଂ.04265054B, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ସିଙ୍ଗିଲ୍ ଫେଜ୍ ONAN/ONAF ଟାଇପ୍ ଟ୍ରାକ୍ସନ ପାୱାର ଟ୍ରାନ୍ସଫର୍ମର, ପରିମାଣ : 02 ଗୋଟି ।

କ୍ରମ ସଂ. 05: ଟେଣ୍ଡର ନଂ.03261066A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : କନ୍‌ଷ୍ଟାଣ୍ଟ କଣ୍ଟାକ୍ଟ ପିୟୁ ସାଇଡ୍ ବିୟରର ପ୍ୟାଡ୍ ଆସେମ୍ବ୍ଲି ନିମନ୍ତେ କିଟ୍, ପରିମାଣ : 1834 ସେଟ୍ ।

କ୍ରମ ସଂ. 06: ଟେଣ୍ଡର ନଂ.03261062A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଷ୍ଟ୍ରାଇକର କାଷ୍ଟିଙ୍ଗ୍ ୱିୟର ପ୍ଲେଟ୍, ପରିମାଣ : 42510 ଗୋଟି ।

କ୍ରମ ସଂ. 07: ଟେଣ୍ଡର ନଂ.06265185, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଫ୍ଲାଟ୍ ଟୋ (Toe) ସହିତ ଇଲାଷ୍ଟିକ୍ ରେଲ୍ କ୍ଲିପ୍ (ERC) MK-V , ପରିମାଣ : T.S. ଅନୁସାରେ ।

ତାରିଖ: 07.12.2026 ରିଖ(କ୍ରମ ସଂ.01, 02, 03 ଏବଂ 04 ପାଇଁ), ତା.14.12.2026 ରିଖ(କ୍ରମ ସଂ.05 ଏବଂ 07 ପାଇଁ) ଏବଂ ତା.08.12.2026 ରିଖ(କ୍ରମ ସଂ.06 ପାଇଁ) ।

ସମ୍ପୂର୍ଣ୍ଣ ବିଜ୍ଞପ୍ତି, ଇଏମ୍‌ଡ଼ି, କ୍ରୟ ପ୍ରତିବନ୍ଧକ ଏବଂ ସମ୍ପୂର୍ଣ୍ଣ ଟେଣ୍ଡର ସର୍ତ୍ତାବଳୀ ସମ୍ବନ୍ଧରେ ଦୟାକରି ୱେବ୍‌ସାଇଟ୍ www.ireps.gov.in ଏବଂ www.eastcoastrail.indianrailways.gov.in ଅବଲୋକନ କରନ୍ତୁ ।

ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ,
ଭୁବନେଶ୍ୱର

PR-571/R/26/27

बैंक ऑफ बड़ौदा Bank of Baroda

କ୍ଷେତ୍ରୀୟ ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଟକ

ସଂଶୋଧନ ପତ୍ର

ଦୈନିକ ଖବରକାଗଜ 'ସମ୍ବାଦ'ରେ ତା.୧୪.୧୧.୨୦୨୬ରେ ପ୍ରକାଶିତ ଆମ୍ଭର ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତିରେ ଋଣଗ୍ରହୀତା: ଶ୍ରୀ ସୂର୍ଯ୍ୟନାରାୟଣ ପଟ୍ଟୁ (କ୍ର.ନଂ.:୧)ଙ୍କ ସମ୍ପତ୍ତିରେ ଡିମାଣ୍ଡ ନୋଟିସ୍ ତାରିଖ, ବକେୟା ଦେୟ ତାରିଖ ଏବଂ ଦଖଲ ପ୍ରକାରକୁ ୧୨.୧୧.୨୦୨୨, ୩୦.୦୮.୨୦୨୨ ଓ ସାଂକେତିକ ପରିବର୍ତ୍ତେ ୩୦.୦୮.୨୦୨୨, ୧୨.୧୧.୨୦୨୬ ଓ ଭୌତିକ ପଢ଼ିବାକୁ ଅନୁରୋଧ। ଅନ୍ୟାନ୍ୟ ତଥ୍ୟାବଳୀ ଅପରିବର୍ତ୍ତିତ।

ସ୍ଥାନ: କଟକ — କ୍ଷମତାପ୍ରାପ୍ତ ଅଧିକାରୀ
ତାରିଖ: ୧୯.୧୧.୨୦୨୬ — ବ୍ୟାଙ୍କ ଅଫ୍ ବରୋଦା

ସରକାରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, ପାଇଁ ଅର୍ଥୋପେଡିକ୍ ଇମ୍ପ୍ଲାଣ୍ଟ ସାମଗ୍ରୀ ଯୋଗାଣ ନିମନ୍ତେ ବିଜ୍ଞାପନ

10001/728/2627- ସରକାରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, ସୁନ୍ଦରଗଡ଼ ପାଇଁ ଅର୍ଥୋପେଡିକ୍ ଇମ୍ପ୍ଲାଣ୍ଟ ସାମଗ୍ରୀ ଯୋଗାଣ ପାଇଁ ପଞ୍ଜୀକୃତ ତଥା ପ୍ରତିଷ୍ଠିତ ଉତ୍ପାଦକ / ପ୍ରାଧିକୃତ ସଂସ୍ଥା / ଯୋଗାଣକାରୀ ପ୍ରାଧିକୃତ ବିତରକ / ଡିଲର / ଫାର୍ମରୁ ସଂସ୍ଥା ଗୁଡ଼ିକୁ ଆମନ୍ତ୍ରିତ କରାଯାଉଅଛି। ବିଜ୍ଞାପନ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ଏବଂ ଚୁକ୍ତିନାମା ସମ୍ବଳିତ ବିଡ୍ ଡକ୍ୟୁମେଣ୍ଟ୍ ଜିଲ୍ଲା ୱେବସାଇଟ୍ www.sundaragada.odisha.gov.in, କଲେଜ୍ ୱେବସାଇଟ୍ www.gmchsng.odisha.gov.in ଏବଂ www.dmetodisha.gov.inରେ ଉପଲବ୍ଧ ଅଛି। ଆଗ୍ରହୀ ବିଡ଼ରମାନେ ସେଗୁଡ଼ିକୁ ଡାଉନଲୋଡ୍ କରିପାରିବେ। ଟେଣ୍ଡର ଦାଖଲ କରିବାର ଶେଷ ତାରିଖ 10.12.2026 ସନ୍ଧ୍ୟା 05:00 ପର୍ଯ୍ୟନ୍ତ ରହିବ।

OIPR 10001/10227/1/26-27/0005

लघु सिंचाई प्रमण्डल, गिरिडीह
/M.I.DIV/GIRIDIH/B.D./S.L.I-07/2026-27 (3rd Call)